### ନିର୍ଦ୍ଧାରିତ ସମୟରେ ହେବ ଡେନ୍‌ମାର୍କ କପ୍

# ୨୦୨୧ ପର୍ଯ୍ୟନ୍ତ ଥୋମାସ୍ ଓ ଉବେର୍ କପ୍ ସ୍ଥଗିତ

**ଆରହସ୍(ଡେନ୍‌ମାର୍କ),୧୫।୯/ଏଜେନ୍ସି:** କରୋନା ଭୂତାଣୁ ସଂକ୍ରମଣ କାରଣରୁ ଚଳିତ ବର୍ଷ ମାର୍ଚ୍ଚରୁ ଅଦ୍ୟାବଧି ଅନେକ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ୍ ବାତିଲ୍ ହୋଇଛି ଅବା ସ୍ଥଗିତ ରହିଛି। ଏହି କାରଣରୁ କରୋନା ପରବର୍ତ୍ତୀ ସ୍ଥିତିରେ କ୍ରୀଡ଼ା ଜଗତ ସାମାନ୍ୟ ସ୍ୱାଭାବିକ ହେବା ପରେ ବ୍ୟାଡ୍‌ମିଣ୍ଟନ୍ ୱାର୍ଲ୍ଡ ଫେଡେରେସନ୍ (ବିଡବ୍ଲ୍ୟୁଏଫ୍) ପକ୍ଷରୁ ୨୦୨୦ ସିଜନ କ୍ୟାଲେଣ୍ଡର୍‌ରେ କେତେକ ପରିବର୍ତ୍ତନ କରାଯାଇଥିଲା। ଏଥି ମଧ୍ୟରେ ଥୋମାସ୍ ଓ ଉବେର୍ କପ୍ ଅନ୍ୟତମ। ଏହି ପ୍ରତିଯୋଗିତାରୁ ପୂର୍ବରୁ ଦୁଇ ଥର ସ୍ଥଗିତ ରହିବା ପରେ ଶେଷରେ ଅକ୍ଟୋବର ୩ ତାରିଖରୁ ଏଠାରେ ଖେଳାଯିବା ସକାଶେ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଟୁର୍ଣ୍ଣାମେଣ୍ଟ୍ ଖେଳିବା ସକାଶେ ଏକାଧିକ ଟିମ୍ ଅନାଗ୍ରହ ଦେଖାଇବାରୁ ଶେଷରେ ବିଡବ୍ଲ୍ୟୁଏଫ୍‌କୁ ଏହାକୁ ସ୍ଥଗିତ ରଖିବାକୁ ପଡ଼ିଛି। ଏହି ଟୁର୍ଣ୍ଣାମେଣ୍ଟଟି ଚଳିତ ବର୍ଷ ଆୟୋଜିତ ହେବ ନାହିଁ। ତେଣୁ ଏହାକୁ ଆସନ୍ତା ବର୍ଷ ପର୍ଯ୍ୟନ୍ତ ସ୍ଥଗିତ ରଖାଯିବା ନେଇ ବିଡବ୍ଲ୍ୟୁଏଫ୍ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। କିନ୍ତୁ ଥୋମାସ୍ ଓ ଉବେର୍ କପ୍ ପରେ ଡେନମାର୍କରେ ଆୟୋଜିତ ହେବାକୁ ଥିବା ଦୁଇଟି ସୁପର୍ ୭୫୦ ଟୁର୍ଣ୍ଣାମେଣ୍ଟ ମଧ୍ୟରୁ ଅକ୍ଟୋବର ୧୩ରୁ ୧୮ ତାରିଖ ପର୍ଯ୍ୟନ୍ତ ଡେନ୍‌ମାର୍କ ଓପନ୍ ଆୟୋଜିତ ହେବ। କିନ୍ତୁ ଅନ୍ୟତମ ପ୍ରତିଯୋଗିତା ଡେନ୍‌ମାର୍କ ମାଷ୍ଟର୍ସ ଆୟୋଜିତ ହେବ ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ଏହି ଟୁର୍ଣ୍ଣାମେଣ୍ଟଟି ଅକ୍ଟୋବର ୨୦ରୁ ୨୫ ତାରିଖ ପର୍ଯ୍ୟନ୍ତ ହେବାର ଥିଲା। ତୃତୀୟ ଥର ପାଇଁ ଥୋମାସ୍ ଓ ଉବେର୍ କପ୍ ସ୍ଥଗିତ ରହିଥିଲେ ହେଁ ପୂର୍ବରୁ ଭାରତ ଏହି ପ୍ରତିଯୋଗିତା ସକାଶେ ଉଭୟ ମହିଳା ଓ ପୁରୁଷ ଦଳର ଘୋଷଣା କରିସାରିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେବାକୁ ବ୍ୟାଡ୍‌ମିଣ୍ଟନ୍ ପାୱାର୍‌ହାଉସ୍ ଭାବେ ପରିଚିତ ଥାଇଲାଣ୍ଡ୍ ଓ ଇଣ୍ଡୋନେସିଆ ପରି ୭ଟି ଟିମ୍ ଅନାଗ୍ରହ ପ୍ରକାଶ କରିଥିଲେ।

ଏହାଛଡ଼ା ଚୀନ୍ ମଧ୍ୟ ନିଜର ଅଂଶଗ୍ରହଣ ନେଇ କୌଣସି ନିର୍ଦ୍ଦିଷ୍ଟ ସୂଚନା ଦେଇ ନ ଥିଲା। ଫଳସ୍ୱରୂପ ଓହରିଯାଇଥିବା ଟିମ୍ ସ୍ଥାନରେ ବିଡବ୍ଲ୍ୟୁଏଫ୍ ପକ୍ଷରୁ ହଂକଂ, ସିଙ୍ଗାପୁର ଏବଂ ଫିନଲାଣ୍ଡ୍ ଓ ସ୍ୱିଡେନ୍ ପରି ୟୁରୋପୀୟ ଟିମ୍‌କୁ ଅଂଶଗ୍ରହଣ କରିବା ସକାଶେ ଆମନ୍ତ୍ରଣ କରାଯାଇଥିଲା। କିନ୍ତୁ ମଙ୍ଗଳବାର ଏହି ଟୁର୍ଣ୍ଣାମେଣ୍ଟ୍ ଆୟୋଜନ କରିବା ସକାଶେ ବିଡବ୍ଲ୍ୟୁଏଫ୍ ନିଜର ଅସାମର୍ଥ୍ୟତା ପ୍ରକାଶ କରିଛି। ଏ ସଂକ୍ରାନ୍ତରେ ଟୁର୍ଣ୍ଣାମେଣ୍ଟ ସହ ଜଡ଼ିତ ସମସ୍ତ ଅଂଶୀଦାରଙ୍କ ସହ ବ୍ୟାପକ ଆଲୋଚନା ପରେ ଏପରି ନିଷ୍ପତ୍ତି ନିଆଯାଇଥିବା ବିଡବ୍ଲ୍ୟୁଏଫ୍ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଯେ ଗୋଟିଏ ପରେ ଗୋଟିଏ ଟିମ୍ ଓହରିଯିବା ପରେ ଭାରତର ପ୍ରମୁଖ ମହିଳା ଖେଳାଳି ସାଇନା ନେହ୍ୱାଲ୍ ଏହି ଟୁର୍ଣ୍ଣାମେଣ୍ଟର ଆୟୋଜନ ଉପରେ ପ୍ରଶ୍ନବାଚୀ ଲଗାଇଥିଲେ।